THE BHARAT DARSAN

ଭାରତ ଦର୍ଶନ

IMPARTIAL DAILY OF ORISSA

ରାଉରକେଲା ଶନିବାର ୦୬ ମଇ ୨୦୦୬ • Rourkela Saturday 06 May 2006 • Postal Regn No. OR/SUN - 13/2006 • R.N

ଶିକ୍ଷାକ୍ଷେତ୍ରରେ ଆଇଆଇପିଏମ୍‌ର ଅପୂର୍ବ ସଫଳତା

ରାଉରକେଲା/ଜାଂଶଦାହାଲ, ୦୫/୦୫ : ଜାଂଶଦାହାଲରେ ଥିବା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଫର ପ୍ରଡକ୍ଟିଭିଟି ମ୍ୟାନେଜମେଣ୍ଟ (ଆଇଆଇପିଏମ୍) ୧୯୮୩ ମସିହାରେ ଓଡ଼ିଶା ସରକାର, ଏଲ୍ ଆଣ୍ଡ ଟି, ଓ ଆଇସିଆଇସିଆଇର ଉଦ୍ୟମରେ ସ୍ଥାପନ କରାଯାଇଥିଲା । ଛାତ୍ରମାନଙ୍କୁ ଶିକ୍ଷା ଏବଂ ତାଲିମ ଦେଇ ବୈଷୟିକ ଓ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଅବସ୍ଥାପିତ କରିବା ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ । ଏହି ସଂସ୍ଥାର ତାଲିମ କାର୍ଯ୍ୟକ୍ରମ ମ୍ୟାନେଜମେଣ୍ଟ ପରିଚାଳନାରେ ଘରୋଇ ତଥା ଆନ୍ତର୍ଜାତୀୟ ସଂସ୍ଥାମାନଙ୍କରେ ଲୋକପ୍ରିୟ ହୋଇପାରିଛି । ଏହି ସଂସ୍ଥାର ବିଶ୍ୱାସଯୋଗ୍ୟ ତାଲିମ କାର୍ଯ୍ୟକ୍ରମକୁ ଏନ୍‌ଟିପିସି, ଏନ୍‌ଏଚ୍‌ପିସି, ନାଲ୍‌କୋ, ପାୱାରଗ୍ରୀଡ୍, କେଇସି ଇଣ୍ଟରନେସନାଲ, ଆଇଓସି, ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର, ଟାଟା ସ୍ପଞ୍ଜ ଭଳି ବିଖ୍ୟାତ କମ୍ପାନୀର କର୍ମଚାରୀମାନେ ଉତ୍ପାଦନର ଜ୍ଞାନ କୌଶଳ ଶିକ୍ଷା ପାଇଁ ଏଠାକୁ ଆସିଥାନ୍ତି । ଏହି ସଂସ୍ଥା ପରିଚାଳନା କ୍ଷେତ୍ରରେ ଅଭୂତପୂର୍ବ ରେକର୍ଡ଼ ସୃଷ୍ଟି କରିପାରିଛି । ଏହାର ପରୀକ୍ଷାଗାରରେ ଆବଶ୍ୟକୀୟ ଉପକରଣ ସମେତ ଅତ୍ୟାଧୁନିକ ଯନ୍ତ୍ରପାତି ରହିଛି । ଏହି ସଂସ୍ଥାର ଚଳିତବର୍ଷର ଛାତ୍ରମାନେ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ ଟ୍ରେନିଂ ନେବା ସହ ଏଲ୍ ଆଣ୍ଡ ଟି, ଅଲ୍‌ଷ୍ଟେମ୍, ଆନନ୍ଦସ୍ତୁପ, ଜେକେ ଯେପର, ହାଡେନ ଇଣ୍ଟରନେସନାଲ, ସିମ୍‌ପ୍ଲେକ୍ସ ଲିମିଟେଡ୍, ଓସିଏଲ୍ ଇଣ୍ଡିଆ, ଭୂଷଣ ଷ୍ଟିଲ, ଜିଏଲ୍‌ଏଲ ଟେକ୍ନୋଲୋଜି, ଟିଆରଏଫ୍ ଲିମିଟେଡ୍, ଟିଆରଏନ୍ ପ୍ରଭୃତିରେ ଚାକରି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସଂସ୍ଥା ପକ୍ଷରୁ ଶିକ୍ଷାର୍ଥୀମାନଙ୍କୁ ରହିବା ପାଇଁ ହଷ୍ଟେଲର ବ୍ୟବସ୍ଥା, କମ୍ପ୍ୟୁଟର ଲ୍ୟାବ୍ ସହ ୨୪ ଘଣ୍ଟା ଇଣ୍ଟରନେଟ୍‌ର ସୁବିଧା, ଲାଇବ୍ରେରୀ, ଜିମ୍ ପ୍ରଭୃତି ସୁବିଧା ଯୋଗାଇ ଦିଆଯାଉଛି । ଏହି ସଂସ୍ଥା ବିଶ୍ୱରେ ଅଭୂତପୂର୍ବ ଲୋକପ୍ରିୟତା ହାସଲ କରିଛି । ଆଜିର ସାମ୍ବାଦିକ ସମ୍ମିଳନୀରେ ପ୍ରଥମେ ଆର.ଏନ. ପାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇଆଇପିଏମ୍‌ର ଆସିଷ୍ଟାଣ୍ଟ ଡାଇରେକ୍ଟର ମିହିର ରଞ୍ଜନ ନାୟକ ସଂସ୍ଥାର ବିଗତ ଆର୍ଥିକ ବର୍ଷରେ ଲକ୍ଷ୍ୟ ହାସଲ କରିଥିବା ବିଷୟ ପ୍ରକାଶ କରିଥିଲେ । ଏହି ଅବସରରେ ଶ୍ରୀ ନାୟକ ଆଇଆଇପିଏମ୍ କେବଳ ଭାରତ ବର୍ଷ ନୁହେଁ ୯୦ଟି ଦେଶର ଶିକ୍ଷା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରକାଶ କରିଥିଲେ । ଏ.କେ. ମିଶ୍ର ଭାଇସ୍‌ପ୍ରେସିଡେଣ୍ଟ (ଏଲ ଆଣ୍ଡ ଟି କମ୍ପାନୀ), ଆଇଆଇପିଏମ୍‌ର ଶିକ୍ଷା ଦେବା କ୍ଷେତ୍ରରେ ତାହାର ଭୂମିକା ବିଷୟରେ ଅବଗତ କରାଇଥିବା ସହ ଏହି ସଂସ୍ଥା ବିଶ୍ୱରେ ଅଧିକରୁ ଅଧିକ ପ୍ରସିଦ୍ଧି ଲାଭ କରିବ ବୋଲି ପ୍ରକାଶ କରିଥିଲେ ।